# NATIONAL NEWS BULLETIN (ODIA)
## 31 May - 2024
## Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆସନ୍ତାକାଲି ୫୭ଟି ସଂସଦୀୟ କ୍ଷେତ୍ରରେ ହେବ ମତଦାନ ।
- ଓଡ଼ିଶାରେ ଆସନ୍ତାକାଲି ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ମତାଧିକାର ସାବ୍ୟସ୍ତ କରିବେ ୯୯ଲକ୍ଷରୁ ଅଧିକ ଭୋଟର ।
- ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ଦର ୭ ପ୍ରତିଶତ ହେବା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଆକଳନ ।
- ଯୌନ ଶୋଷଣ ମାମଲାରେ କର୍ଣ୍ଣାଟକ ହାସନ୍‌ର ସାଂସଦ ପ୍ରଜ୍ୱଲ ରେବନ୍ନା ଗିରଫ୍ ।

ଏବଂ

- ତମାଖୁ ବ୍ୟବହାରର ଭୟାବହତା ନେଇ ସଚେତନତା ସୃଷ୍ଟି ଲାଗି ଆଜି ପାଳିତ ହେଉଛି ବିଶ୍ୱ ତମାଖୁ ନିରୋଧ ଦିବସ ।

## ସେଭେନ୍ ଫେଜ୍ ଇଲେକ୍ସନ୍

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ ଗ୍ରହଣ କରାଯିବ । ଏଥିଲାଗି ଗତ ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ସଂସଦୀୟ କ୍ଷେତ୍ର ଲାଗି ମତଦାନ ହେବ । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଓ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଲୋକସଭା ଆସନ ଅନ୍ତର୍ଭୁକ୍ତ । ଏହି ପର୍ଯ୍ୟାୟରେ ଲୋକସଭା ଆସନଗୁଡ଼ିକ ଲାଗି ୯୦୪ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରଣ ହେବ । ଆସନ୍ତାମାସ ୪ ତାରିଖରେ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ ।

## ଓଡ଼ିଶା ଇଲେକ୍ସନ୍

ଓଡ଼ିଶାରେ ଆସନ୍ତାକାଲି ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଏକ ସଙ୍ଗେ ମତଗ୍ରହଣ କରାଯିବ । ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର ।

ଏଥିରେ ୯୯ଲକ୍ଷ ୬୧ହଜାର ୫୭ ଜଣ ମତଦାତା  ୧୦ହଜାର ୮୮୨ଟି ଭୋଟଗ୍ରହଣ କେନ୍ଦ୍ରରେ ନିଜର ମତାଧିକାର ସାବ୍ୟସ୍ତ କରିବେ । ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାର ଧଳ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ପର୍ଯ୍ୟାୟ ନିର୍ବାଚନରେ ୧ହଜାର ୪୦୦ରୁ ଅଧିକ ସଖି ବୁଥ୍ କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ଶେଷ କରିବା ପାଇଁ ୭୨ହଜାର ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ରାଜ୍ୟର ଅବଶିଷ୍ଟ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ୩୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେମାନଙ୍କ ମଧ୍ୟରେ ୫୮ ଜଣ ମହିଳା ଅଛନ୍ତି । ସେହିପରି ୬ଟି ଲୋକସଭା ଆସନ ପାଇଁ ୫୫ ଜଣ ପୁରୁଷ ଓ ୧୧ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ସୂଚନା ଅନୁଯାୟୀ ଆସନ୍ତାକାଲିର ମତଦାନ ପ୍ରକ୍ରିୟା ଉପରେ ୧୨ ଜଣ ସାଧାରଣ ପର୍ଯ୍ୟବେକ୍ଷକ, ୩ ଜଣ ପୁଲିସ୍ ପର୍ଯ୍ୟବେକ୍ଷକ ଏବଂ ୧୮ ଜଣ ବ୍ୟୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ୧୨୬ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳକୁ ଷ୍ଟ୍ରଙ୍ଗ୍ ରୁମ୍ ସମେତ ଭୋଟ୍ ଗ୍ରହଣ କେନ୍ଦ୍ର ଗୁଡ଼ିକରେ ମୁତୟନ କରାଯାଇଛି ।

ଏହି ଅନ୍ତିମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ପ୍ରତାପ ଷଡ଼ଙ୍ଗୀ, ବିଜେପିର ଜାତୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏବଂ କଂଗ୍ରେସର

ଶ୍ରୀକାନ୍ତ କୁମାର ଜେନା ଅଛନ୍ତି । ସେହିଭଳି ଏହି ପର୍ଯ୍ୟାୟ ଲୋକସଭା ନିର୍ବାଚନ ସହିତ ରାଜ୍ୟ ବିଧାନସଭା ଲାଗି ହେଉଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡ଼ିର ବରିଷ୍ଠ ନେତା ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅଶ୍ୱିନୀ ପାତ୍ର, ତୁଷାରକାନ୍ତୀ ବେହେରା, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ରହିଛନ୍ତି ।

## ରିଜର୍ଭ ବ୍ୟାଙ୍କ୍

ଚଳିତ ଆର୍ଥିକ ବର୍ଷରେ ବିକାଶ ଦର ସାତ ପ୍ରତିଶତ ହେବା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆକଳନ କରିଛି । ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଜି.ଡି.ପି. ଅଭିବୃଦ୍ଧି ୭ ପ୍ରତିଶତ ବୃଦ୍ଧି ପାଇବ ବୋଲି ବାର୍ଷିକ ରିପୋର୍ଟରେ କୁହାଯାଇଛି ।

ସୂଚନା ଅନୁଯାୟୀ ୨୦୨୪ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥ ବ୍ୟବସ୍ଥାରେ ଦୃଢ଼ ଅଭିବୃଦ୍ଧି ଘଟିଥିବା ରିଜର୍ଭ ବ୍ୟାଙ୍କ୍ କହିଛି । ଏହି ସମୟରେ ପୂର୍ବ ବର୍ଷ ତୁଳନାରେ ଜି.ଡି.ପି. ୭ ପ୍ରତିଶତରୁ ୭ ଦଶମିକ୍ ୬ ପ୍ରତିଶତକୁ ବୃଦ୍ଧି ପାଇଛି । ଏହାଛଡ଼ା ବିଦେଶୀ ପୁଞ୍ଜିନିବେଶ ଯୋଗୁଁ ୨୦୨୩-୨୪ ଆର୍ଥିକ ବର୍ଷରେ ରିଜର୍ଭ ବ୍ୟାଙ୍କର ଆୟରେ ୧୭ ପ୍ରତିଶତ ବୃଦ୍ଧି ଘଟିଛି ।

ଅନ୍ୟ ପକ୍ଷରେ ଚଳିତ ମାସ ୨୨ ତାରିଖରେ ରିଜର୍ଭ ବ୍ୟାଙ୍କ୍‌ର କେନ୍ଦ୍ରୀୟ ନିର୍ଦ୍ଦେଶକମାନଙ୍କ ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସରକାରଙ୍କୁ ୨ଲକ୍ଷ ୧୧ ହଜାର କୋଟି ଟଙ୍କା ଦେବା ଲାଗି ମଞ୍ଜୁରୀ ପ୍ରଦାନ କରାଯାଇଛି ।

## ଜେ ଆଣ୍ଡ କେ-ଆକ୍ସିଡେଣ୍ଟ

ଜାମ୍ମୁ କାଶ୍ମୀରର ଅଖନୁର୍ ସବ୍‌ଡିଭିଜନ୍ ଅନ୍ତର୍ଗତ ଟୁଙ୍ଗି ମୋରହ ଠାରେ ଘଟିଥିବା ଦୁର୍ଘଟଣାରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏହି ଦୁର୍ଘଟଣାରେ ମୃତକଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଏଥିରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

ସୂଚନା ଯୋଗ୍ୟ ଗତକାଲି ଜାମ୍ମୁ କାଶ୍ମୀରର ଅଖନୁର୍ ସବ୍‌ଡିଭିଜନ୍ ଅନ୍ତର୍ଗତ ଟୁଙ୍ଗି ମୋରହ ଠାରେ ଦେଢ଼ଶହ ଫୁଟ ଗଭୀର ଘାଟି ମଧ୍ୟକୁ ଏକ ଯାତ୍ରୀବାହୀ ବସ୍ ଖସିପଡ଼ିବାରୁ ୨୦ ଜଣଙ୍କ ମୃତ୍ୟୁ ହୋଇଥିଲା । ଏଥିରେ ୧୫ ଜଣ ଆହତ ହୋଇଛନ୍ତି ।

ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ବସ୍‌ଟି ଜାମ୍ମୁରୁ ରିଆସି ଜିଲ୍ଲା ଅନ୍ତର୍ଗତ ଶିବଖୋରି ଗୁମ୍ଫା ଅଭିମୁଖେ ଯାତ୍ରା କରୁଥିବା ବେଳେ ଜାମ୍ମୁ-ପୁଞ୍ଚ ଜାତୀୟ ରାଜପଥର ଟୁଙ୍ଗି ମୋରହ ଠାରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଘଟଣା ସ୍ଥଳରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ହସ୍ପିଟାଲ୍‌ରେ ଅନ୍ୟ ୪ ଜଣଙ୍କ ମୃତ୍ୟୁ ହୋଇଥିଲା । ଏଥିରେ ଅଧିକାଂଶ ତୀର୍ଥଯାତ୍ରୀ ଉତ୍ତରପ୍ରଦେଶରୁ ଥିବା ଜଣାପଡ଼ିଛି ।

# ରେବନ୍ନା-ଆରେଷ୍ଟ

ଯୌନ ଶୋଷଣ ମାମଲାରେ କର୍ଣ୍ଣାଟକ ହାସନରୁ ସାଂସଦ ଥିବା ପ୍ରଜ୍ୱଲ ରେବନ୍ନାଙ୍କୁ ଗିରଫ୍ କରାଯାଇଛି । ଆଜି ସକାଳେ ସେ ବେଙ୍ଗାଲୁରୁ ସ୍ଥିତ କେମ୍ପେଗୌଡ଼ା ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବା ପରେ କର୍ଣ୍ଣାଟକ ପୁଲିସ୍ ତାଙ୍କୁ ଗିରଫ୍ କରିଥିବା ଜଣାପଡ଼ିଛି । ସେ ଆଜି କର୍ଣ୍ଣାଟକ ଆସୁଥିବା ଇଣ୍ଟରପୋଲରୁ ସୂଚନା ମିଳିବା ପରେ କର୍ଣ୍ଣାଟକ ପୁଲିସ୍‌ର ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଓ ବେଙ୍ଗାଲୁରୁ ପୁଲିସ୍ ତାଙ୍କୁ ଗିରଫ୍ କରିବା ଲାଗି ଯୋଜନା କରିଥିଲା ।

ରେବନ୍ନାଙ୍କ ଘରେ କାମ କରୁଥିବା ଜଣେ ମହିଳା ଯୌନ ଶୋଷଣ ଏବଂ ଅପରାଧିକ କାର୍ଯ୍ୟକଳାପ ନେଇ ଅଭିଯୋଗ କରିବା ପରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ପ୍ରଜ୍ୱଲ ରେବନ୍ନାଙ୍କୁ ପଚରା ଉଚରା କରିବାର ସମ୍ଭାବନା ରହିଛି । ଜନତା ଦଳ ସେକୁଲାର୍‌ରୁ ନିଲମ୍ବିତ ହୋଇଥିବା ରେବନ୍ନା ହାସନ୍ ସଂସଦୀୟ କ୍ଷେତ୍ରରେ ଭୋଟ୍ ଗ୍ରହଣର ଗୋଟିଏ ଦିନ ପରେ ଏପ୍ରିଲ୍ ୨୭ରେ ଦେଶ ଛାଡ଼ି ବାହାରକୁ ପଳାଇଥିଲେ ।

## ଭାରତ-ବିଜଳି

ଦେଶରେ ଗତକାଲି ଗୋଟିଏ ଦିନରେ ସର୍ବାଧିକ ବିଜୁଳି ଆବଶ୍ୟକତା ୨୫୦ ଗିଗା ବାଇଟ୍ ଥିବା ବେଳେ ଏହାକୁ ପୂରଣ କରିବାରେ ସଫଳତା ମିଳିଛି । ବିଦ୍ୟୁତ୍ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଗ୍ରୀଷ୍ମ ପ୍ରବାହ ଏବଂ ଅନ୍ୟାନ୍ୟ ଆବଶ୍ୟକତା ଦୃଷ୍ଟିରୁ ଦେଶରେ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଉଥିବାରୁ ଗତକାଲି ଏହା ସର୍ବୋଚ୍ଚ ସ୍ତରରେ ଥିଲା । ତେବେ ବିଜୁଳି ଉତ୍ପାଦନ କ୍ଷେତ୍ରରେ ଦେଶ ଏହି ଆବଶ୍ୟକତା ପୂରଣ କରିବାରେ ସଫଳ ହୋଇଥିବା କୁହାଯାଇଛି । ବିଶେଷ କରି ଦେଶର ପଶ୍ଚିମାଞ୍ଚଳରେ ବିଦ୍ୟୁତ୍ ଆବଶ୍ୟକତା ଅଧିକ ରହିଥିବା ଜଣାପଡ଼ିଛି ।

## ଇସିଆଇ-ଭୋଟିଂ

ଲୋକସଭା ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ମତଦାନ ପୂର୍ବରୁ ମତଦାନ ସଂଖ୍ୟାକୁ ନେଇ ପ୍ରଚାର ହେଉଥିବା ଗୁଜବକୁ ଖଣ୍ଡନ କରିଛନ୍ତି । ଆକାଶବାଣୀ ସମାଚାର ବିଭାଗକୁ ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାର କହିଛନ୍ତି, ଦେଶରେ ମତଦାନ ପ୍ରତିଶତ ବୃଦ୍ଧି ପାଇବା ନେଇ ଗୁଜବ ପ୍ରଚାର ହେଉଛି । ସେ କହିଛନ୍ତି, ମତଦାନ ପ୍ରତିଶତ କେବେ ବି ବୃଦ୍ଧି ପାଇପାରିବ ନାହିଁ । ସେ କହିଛନ୍ତି, ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଏଜେଣ୍ଟ ରହୁଥିବା ବେଳେ ସେମାନଙ୍କୁ ପ୍ରିଜାଇଡିଂ ଅଫିସର୍ ୧୭ ସି ଫର୍ମ ପ୍ରଦାନ କରୁଛନ୍ତି । ଯେଉଁଥିରେ ଭୋଟ୍ ଗ୍ରହଣ ଶେଷରେ କେତେ ଭୋଟର ମତଦାନ କଲେ ସେହି ତଥ୍ୟ ଲିପିବଦ୍ଧ ରହୁଛି । ମତଦାନ ସମୟରେ ଇ.ଭି.ଏମ୍.କୁ ନେଇ ହେଉଥିବା ଗୁଜବ ସମ୍ପର୍କରେ ଶ୍ରୀ କୁମାର କହିଛନ୍ତି, ନିର୍ବାଚନ ଆୟୋଗ ତାଙ୍କ ୱେବ୍‌ସାଇଟ୍‌ରେ ମତଦାନ ପ୍ରତିଶତ ଏବଂ ଇ.ଭି.ଏମ୍. ସହ ସମ୍ପର୍କିତ ସମସ୍ତ ସୂଚନା ଦେଇଛନ୍ତି ।

## ଗ୍ରାଚୁଇଟି

କେନ୍ଦ୍ର ସରକାର କର୍ମଚାରୀମାନଙ୍କ ଅବସରକାଳୀନ ଗ୍ରାଚୁଇଟି ଏବଂ ମୃତ୍ୟୁକାଳୀନ ଗ୍ରାଚୁଇଟି ଅର୍ଥରାଶି ପରିମାଣ ବୃଦ୍ଧି କରିଛନ୍ତି । ପୂର୍ବରୁ ଏହା ୨୦ଲକ୍ଷ ଥିବା ବେଳେ ଏହାକୁ ବୃଦ୍ଧି କରାଯାଇ ୨୫ ଲକ୍ଷ କରାଯାଇଛି । ଏ

ନେଇ ସାଧାରଣ ଅଭିଯୋଗ, କାର୍ମିକ ଓ ପେନ୍‌ସନ୍ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହା ପିଛିଲା ଭାବେ ଚଳିତ ବର୍ଷ ଜାନୁଆରୀ ପହିଲାରୁ ଲାଗୁ ହୋଇଥିବା ଜଣାପଡ଼ିଛି ।

## ବିଶ୍ୱ ତମାଖୁ ନିରୋଧ ଦିବସ

ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟହାନି କାରକ ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରାଇବା ଉଦ୍ଦେଶ୍ୟ ନେଇ ଆଜି ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୮୮ ମସିହାରୁ ପାଳନ କରାଯାଉଥିବା ଏହି ଦିବସର ଚଳିତବର୍ଷର ବାର୍ତ୍ତା ରହିଛି **ତମାଖୁ ଶିଳ୍ପର ହସ୍ତକ୍ଷେପରୁ ପିଲାମାନଙ୍କୁ ସୁରକ୍ଷା ଦେବା ।** ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଛି । ସେଥିମଧ୍ୟରୁ ୭୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ । ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍, ମୁଖଗହ୍ୱର ଏବଂ ଜିଭରେ କର୍କଟ ରୋଗ ଦେଖାଦେଇଥାଏ । ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଉପରେ ମଧ୍ୟ ତମାଖୁର କୁପ୍ରଭାବ ପଡ଼ିଥାଏ । ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ୧୫ ବର୍ଷରୁ ଅଧିକ ବୟସର ବ୍ୟକ୍ତି ୯୮ ଦଶମିକ ୮ ପ୍ରତିଶତ ତମାଖୁ ସେବନ କରୁଥିବା ବେଳେ ୧୫ରୁ ୪୯ ବର୍ଷ ବୟସର ବ୍ୟକ୍ତି ୯୩ ଦଶମିକ ୧/୪ ପ୍ରତିଶତ ତମାଖୁ ସେବନ କରିଥାନ୍ତି । ରାଜ୍ୟରେ ପ୍ରାୟ ପ୍ରତ୍ୟେକ ବର୍ଷ ୩୦ରୁ ୩୫ ହଜାର ଲୋକ ତମାଖୁ ସେବନ କରି କର୍କଟ ରୋଗର ଶୀକାର ହେଉଛନ୍ତି ।

## ଛତିଶଗଡ଼-ମାଓବାଦୀ

ଛତିଶଗଡ଼ର ବିଜାପୁର ଜିଲ୍ଲାର ବିଭିନ୍ନ ସ୍ଥାନରୁ ସୁରକ୍ଷା ବଳ ୧୬ ଜଣ ମାଓବାଦୀଙ୍କୁ ଗିରଫ୍ କରିଛି । ସେମାନଙ୍କ ମଧ୍ୟରୁ ୧୧ ଜଣ ମାଓବାଦୀ ଗୋରନା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ୫ ଜଣ ଭୂସାପୁର ଅଞ୍ଚଳ ବୋଲି ଜଣାପଡ଼ିଛି ।

## ମଣିପୁର-ବନ୍ୟା

ମଣିପୁରରେ ବନ୍ୟାର ପ୍ରକୋପ ଜାରି ରହିଛି । ଇମ୍ଫାଲ୍ ସହର ଏହି ବନ୍ୟାରେ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ସହରର ଅଧିକାଂଶ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଥିବା ଜଣାପଡ଼ିଛି । ଉଦ୍ଧାର କାର୍ଯ୍ୟରେ ମଣିପୁର ପୁଲିସ୍, ସେନା, ଆସାମ ରାଇଫଲ୍ସ, ଏନ୍.ଡି.ଆର୍.ଏଫ୍. ଏବଂ ଏସ୍.ଡି.ଆର୍.ଏଫ୍. ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ଇତିମଧ୍ୟରେ ପ୍ରାୟ ୮୦୦ରୁ ଅଧିକ ଲୋକଙ୍କୁ ବନ୍ୟା ପ୍ରଭାବିତ ଅଞ୍ଚଳରୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ଅଣାଯାଇଛି । ବନ୍ୟା ପ୍ରଭାବିତ ଲୋକମାନଙ୍କ ପାଇଁ ଇମ୍ଫାଲ୍‌ରେ ତିନୋଟି ଅସ୍ଥାୟୀ ଶିବିର ଖୋଲା ଯାଇଛି ।

ରାଜ୍ୟ ସରକାର ବନ୍ୟା ଜନିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକୁ ବନ୍ଦ ରଖିବାକୁ ନିଷ୍ପତ୍ତି

ନେଇଛନ୍ତି । ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇ ଦେବା ଲାଗି ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ଯାଇଛି ।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ମଣିପୁରର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳ ଉପକୂଳ ସ୍ପର୍ଶ କରିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଗତ କିଛି ଦିନ ହେଲା କେରଳରେ ପ୍ରାକ୍ ମୌସୁମୀ ବର୍ଷା ଚାଲିଛି । ଏଥିପାଇଁ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଥିରୁଅନନ୍ତପୁରମ୍ ଏବଂ ଏର୍ଣ୍ଣାକୁଲମ୍ ଠାରେ ଲଗାଣ ବର୍ଷା ସହ ଖାଲୁଆ ଅଞ୍ଚଳ ଗୁଡ଼ିକରେ ବର୍ଷା ଜଳ ଜମି ରହିଥିବା ଜଣାପଡ଼ିଛି । ପ୍ରଭାବିତ ଅଞ୍ଚଳ ଗୁଡ଼ିକର ଲୋକଙ୍କ ପାଇଁ ରିଲିଫ୍ କ୍ୟାମ୍ପ୍ ଖୋଲା ଯାଇଛି । ଭୂସ୍ଖଳନକୁ ଦୃଷ୍ଟିରେ ରଖି ପାହାଡ଼ିଆ ଅଞ୍ଚଳ ଗୁଡ଼ିକ ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରସମନ ସଂସ୍ଥା ସତର୍କ ସୂଚନା ଜାରି କରିଛି ।